**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

**Question Book Serial No. MEOO703009** **LSMEO-2016** **Question Booklet Series Code: A**

**Time Allowed: 02.00 hours** **Maximum Mark: 120**

ନିର୍ଦ୍ଧାରିତ ସମୟ : 02.00 ଘଣ୍ଟା ସର୍ବାଧିକ ମାର୍କ : 120

Read the following instructions carefully before you begin to answer the questions. This Question Booklet contains 120 objective type questions with multiple choice answers, viz., 70 on Mathematics in Section-A, 20 on English in Section-B and 30 on Odia in Section-C. The questions in Section –A have been given both in English and Odia language as far as practicable.

ପ୍ରଶ୍ନଗୁଡିକର ଉତ୍ତର କରିବାପୂର୍ବରୁ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଯତ୍ନ ସହକାରେ ପଢନ୍ତୁ । ଏହି ପ୍ରଶ୍ନ ପୁସ୍ତିକାରେ 120 ଟି ବିବିଧ ଉତ୍ତର ଯୁକ୍ତ ସଂକ୍ଷିପ୍ତ ପ୍ରଶ୍ନ ରହିଛି; ଯଥା A - ବିଭାଗରେ ଗଣିତ ବିଷୟରେ 70 ଟି, B - ବିଭାଗରେ ଇଂରାଜୀ ବିଷୟରେ 20 ଟି ଏବଂ C- ବିଭାଗରେ ଓଡିଆ ବିଷୟରେ 30 ଟି । ଯେତେଦୂର ସମ୍ଭବ A – ବିଭାଗର ପ୍ରଶ୍ନଗୁଡିକ ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ଦିଆଯାଇଅଛି ।

## INSTRUCTIONS FOR CANDIDATES

1. This Booklet contains in all 120 objective type questions with multiple choice answers as detailed above.
2. All questions are compulsory and carry one mark each.
3. Before answering any question, checkup the Booklet and ensure that it contains 24 pages and no page is missing, mutilated or repeated. In case of any defect replace it immediately.
4. The Invigilator shall supply you the blank OMR Answer Sheet separately. Enter your Roll Number, Question Booklet Serial Number and Question Booklet Series Code and darken the corresponding circle/oval provided on left side of the Answer Sheet carefully by black/blue ball point pen only. You must write the name, date and center of examination and put your full signature in the appropriate spaces provided therein before answering any question.
5. A machine will read the coded information furnished by you in the OMR Answer Sheet. If the information so furnished by you are incomplete or different from what have been given in the application form, you will be awarded Zero mark.
6. These instructions must be complied with fully failing which your Answer Sheet will not be evaluated and Zero mark will be awarded.
7. Answer must be given by completely blackening one of the four circles/ovals representing the correct answer given on right side of the Answer Sheet corresponding to the relevant question number by using Black/Blue ball point pen only. Answers not shown by black/blue ball point pen shall not be awarded any mark.
8. Failure to hand over the Answer Sheet to the Invigilator before leaving the examination hall/room will make you liable to penal action.
9. Read carefully the instructions of answering each question before answering it.
10. Answer the questions as quickly and carefully as you can. Some questions may be easy and others difficult. Don't spend too much time on any question.
11. No Rough work has to be done on the OMR Answer Sheet. Space for rough work has been provided in the Question Booklet wherever needed.
12. You must not carry into the examination hall/ room any book, mobile phones or electronic devices printed/handwritten papers except the Admission Letter.

Failure to comply with any of the above instructions will be considered as using unfair means and action as deemed proper will be taken against the violators.

## ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କପାଇଁ ନିର୍ଦ୍ଦେଶାବଳୀ

1. ଏହି ପୁସ୍ତିକାରେ ଉପରୋକ୍ତ ମତେ ମୋଟ 120 ଟି ବିବିଧ ଉତ୍ତର ଯୁକ୍ତ ସଂକ୍ଷିପ୍ତ ପ୍ରଶ୍ନ ଅଛି ।
2. ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଏବଂ ପ୍ରତ୍ୟେକରେ ଏକ ମାର୍କ ଅଛି ।
3. କୌଣସି ପ୍ରଶ୍ନର ଉତ୍ତର ଦେବା ଆଗରୁ ପୁସ୍ତିକାଟି ତନଖି ଦେଖନ୍ତୁକି ଏଥିରେ 24 ଟି ପୃଷ୍ଠା ଅଛି ଓ କୌଣସି ପୃଷ୍ଠା ଛାଡି, ନଷ୍ଟ କିମ୍ବା ପୁନରାବୃତ୍ତି ହୋଇନାହିଁ । କୌଣସି ତ୍ରୁଟିଥିଲେ ତାକୁ ତୁରନ୍ତ ବଦଳ କରାଇ ନିଅନ୍ତୁ।
4. ପରୀକ୍ଷକ ଆପଣଙ୍କୁ ସ୍ୱତନ୍ତ୍ରଭାବେ ଓଏମାରର୍ ଉତ୍ତର ଫର୍ଦ୍ଦ ଦେବେ । ଉତ୍ତର ଫର୍ଦ୍ଦର ବାମ ପାର୍ଶ୍ୱରେ ଯଥା ସ୍ଥାନରେ ଆପଣଙ୍କ ରୋଲନମ୍ବର, ପ୍ରଶ୍ନପୁସ୍ତିକା କ୍ରମିକନମ୍ବର ଏବଂ ପ୍ରଶ୍ନପୁସ୍ତିକା ସିରିଜ୍ କୋର୍ଡ ଉଲ୍ଲେଖ କରନ୍ତୁ ଏବଂ ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ କଲମ ଦ୍ୱାରା କାଳି କରନ୍ତୁ । ସେଠାରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପରୀକ୍ଷାର ନାମ, ତାରିଖ ଓ କେନ୍ଦ୍ର ନିଶ୍ଚିତ ଭାବେ ଲେଖନ୍ତୁ ଏବଂ କୌଣସି ପ୍ରଶ୍ନର ଉତ୍ତର ଦେବା ଆଗରୁ ଆପଣଙ୍କ ପୁରା ଦସ୍ତଖତ ଦିଅନ୍ତୁ ।
5. ଓଏମାର୍ ଉତ୍ତରଫର୍ଦ୍ଦରେ ଆପଣ ଉଲ୍ଲେଖ କରିଥିବା ସାଙ୍କେତିକ ତଥ୍ୟକୁ ଗୋଟିଏ ଯନ୍ତ୍ର ପଠନ କରିବ । ତେଣୁ ଆପଣଙ୍କ ଏହି ପ୍ରଦତ୍ତ ତଥ୍ୟ ଯଦି ଦରଖାସ୍ତ ଫର୍ମରେ ଦିଆ ଯାଇଥିବା ତଥ୍ୟଠାରୁ ଫରକ କିମ୍ବା ଅସମ୍ପୂର୍ଣ୍ଣ ହୁଏ, ଆପଣଙ୍କୁ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।
6. ଏହି ନିର୍ଦ୍ଦେଶାବଳୀକୁ ସଂପୂର୍ଣ୍ଣଭାବେ ନିଶ୍ଚିତ ପାଳନ କରନ୍ତୁ , ଅନ୍ୟଥା ଆପଣଙ୍କ ଉତ୍ତର ପତ୍ର ମୂଲ୍ୟାୟନ କରାଯାଇ ପାରିବ ନାହିଁ ଏବଂ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।
7. ଉତ୍ତର ଫର୍ଦ୍ଦର ଡାହାଣ ପାର୍ଶ୍ୱରେ ଥିବା ସମ୍ପୃକ୍ତ ପ୍ରଶ୍ନ ସଂଖ୍ୟାର ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ କଲମ ଦ୍ୱାରା ନିଶ୍ଚିତ ସଂପୂର୍ଣ୍ଣଭାବେ କାଳି କରି ଉତ୍ତର ଦିଅନ୍ତୁ । କଳା/ନୀଳ ବଲ ପଏଣ୍ଟ କଲମ ଦ୍ୱାରା ଦର୍ଶାଯାଇ ନ ଥିବା ଉତ୍ତର ପାଇଁ କୌଣସି ମାର୍କ ଦିଆଯିବ ନାହିଁ ।
8. ପରୀକ୍ଷା ହଲ/କୋଠରୀ ଛାଡିବା ପୂର୍ବରୁ ଆପଣଙ୍କ ଉତ୍ତରପତ୍ର ପରୀକ୍ଷକଙ୍କୁ ହସ୍ତାନ୍ତର କରି ନ ପାରିଲେ ଆପଣ ଆଇନାନୁଯାୟୀ ଦଣ୍ଡନୀୟ ହେବେ ।
9. ଉତ୍ତର ଦେବାପୂର୍ବରୁ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଦାନ ନିର୍ଦ୍ଦେଶାବଳୀ ଯତ୍ନ ସହକାରେ ପଢନ୍ତୁ ।
10. ଯେତେ ଶୀଘ୍ର ଓ ଯତ୍ନ ସହକାରେ ପାରିବେ ପ୍ରଶ୍ନ ଗୁଡିକର ଉତ୍ତର ଦିଅନ୍ତୁ । କେତେକ ପ୍ରଶ୍ନ ସହଜ ଅନ୍ୟ କେତେକ କଠିନ ହୋଇପାରେ । କୌଣସି ପ୍ରଶ୍ନରେ ଅତ୍ୟଧିକ ସମୟ ନଷ୍ଟକରନ୍ତୁ ନାହିଁ ।
11. ଓଏମାର୍ ଉତ୍ତରଫର୍ଦ୍ଦରେ ରଫ୍ କାମ କରିବେ ନାହିଁ । ଯେଉଁଠି ଦରକାର ପ୍ରଶ୍ନ ପୁସ୍ତିକାରେ ରଫ୍ କାମପାଇଁ ଖାଲିଜାଗା ଦିଆ ଯାଇଅଛି ।
12. ପ୍ରବେଶ ପତ୍ର ବ୍ୟତୀତ କୌଣସି ବହି, ଛାପା/ହାତଲେଖା କାଗଜ, ମୋବାଇଲ ଫୋନ୍ କିମ୍ବା ବୈଦ୍ୟୁତିକ ଉପକରଣ ଆପଣ ପରୀକ୍ଷା ହଲ/କୋଠରୀ ଭିତରକୁ ନେଇ ପାରିବେ ନାହିଁ ।

ଉପରୋକ୍ତ ନିର୍ଦ୍ଦେଶାବଳୀରୁ କୌଣସିଟି ଅନୁପାଳନରେ ଖିଲାପକଲେ ଏହାକୁ ଅସତ୍ ଉପାୟ ଅବଲମ୍ବନ ବୋଲି ବିବେଚନା କରାଯିବ ଏବଂ ଉଲଘଂନକାରୀଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ କରାଯିବ ।

**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

OdishaJobAlert.Net


OdishaJobAlert.Net

## Section - A : Mathematics

1. What is the square of 1111?
1111 ର ବର୍ଗ କେତେ?
A) 1234321 B) 12321 C) 1112311 D) 1232341

2. What is the rate of interest if a sum of Rs.4000/- becomes Rs.5000/- in 5 years on simple interest?
ସରଳ ସୁଧ ହାରରେ 4000 ଟଙ୍କା 5 ବର୍ଷରେ 5000 ଟଙ୍କାକୁ ବୃଦ୍ଧି ହେଲେ, ସୁଧର ହାର କେତେ ?
A) 10% B) 8% C) 5% D) 4%

3. Which of the following four logical diagrams correctly represents the relationship between Tie, Shirt and Shoe?
ନିମ୍ନ ପ୍ରଦତ୍ତ ଚାରିଟି ଚିତ୍ର ମଧ୍ୟରୁ କେଉଁଟି ଟାଏ, ସାର୍ଟ ଏବଂ ଜୋତାକୁ ପ୍ରତିନିଧିତ୍ୱ କରୁଛି ?



(A) (B) (C) (D)

4. If the position of the last 2 digits of a 3 digit number are inter-changed, the new number thus created is 54 higher than the original number. What is the difference between the last two digits of the number?
ଏକ ତିନିଅଙ୍କ ବିଶିଷ୍ଟ ସଂଖ୍ୟାର ଶେଷ ଦୁଇଅଙ୍କର ସ୍ଥାନ ପରିବର୍ତ୍ତନ କଲେ, ଉତ୍ପନ୍ନ ସଂଖ୍ୟା ମୂଳ ସଂଖ୍ୟାଠାରୁ 54 ଅଧିକ ହୁଏ । ତେବେ ଶେଷ ଦୁଇ ଅଙ୍କର ଅନ୍ତର କେତେ ?
A) 6 B) 9 C) 12 D) None of these

5. Nabaghan borrowed Rs.10000 from a bank at interest rate of 10% and lent the same to two persons at 13% interest. How much profit will he earn after 5 years after repaying bank loan?
ନବଘନ 10% ହାରରେ ବ୍ୟାଙ୍କରୁ 10000 ଟଙ୍କା କରଜ କରି 13% ହାରରେ ଦୁଇଜଣ ଲୋକଙ୍କୁ କରଜ ଦେଲା । 5 ବର୍ଷ ଶେଷରେ ସେଥିରୁ ତା'ର ବ୍ୟାଙ୍କ ଋଣ ପରିଶୋଧ କରି କେତେ ଟଙ୍କା ଲାଭ ପାଇବ ?
A) Rs.1200 B) Rs.1500 C) Rs. 2100 D) Rs.2500

6. A sold a bi-cycle to B @20% profit and B sold the bi-cycle to C at 25% profit. If C purchased cycle at Rs.1500, what is the sale price of the bi-cycle?
A, B କୁ ଏକ ସାଇକେଲ 20 % ଲାଭରେ ଓ B, C କୁ 25% ଲାଭରେ ବିକ୍ରିକଲେ । ଯଦି C ସାଇକେଲକୁ 1500 ଟଙ୍କାରେ କିଣିଥାଏ, ତେବେ ସାଇକେଲର ବିକ୍ରିମୂଲ୍ୟ କେତେ ଟଙ୍କା ହେବ?
A) 1000 B) 1100 C) 1200 D) None

7. In a certain code, '5 9 2' means 'Come and Play', '3 5 7' means 'Go and Sleep' and '2 1 6' means 'Play but Read'. Which of the following means 'Come' in that code?
କୌଣସି ସାଙ୍କେତିକରେ 5 9 2 ର ଅର୍ଥ "ଆସ ଏବଂ ଖେଳ" 3 5 7 ର ଅର୍ଥ "ଯାଅ ଏବଂ ଶୁଅ" ଏବଂ 2 1 6 ର ଅର୍ଥ "ଖେଳ କିନ୍ତୁ ପଢ" । ସେହି ସାଙ୍କେତିକରେ ନିମ୍ନୋକ୍ତ କେଉଁଟିର ଅର୍ଥ "Come" ?
A) 5 B) 7 C) 2 D) 9


OdishaJobAlert.Net

## Section - A : Mathematics

8. What smallest number shall be added to 4515600 to make it a complete square number?
4515600 ରେ କେଉଁ କ୍ଷୁଦ୍ରତମ ସଂଖ୍ୟା ଯୋଗ କଲେ ଯୋଗଫଳ ଏକ ପୂର୍ଣ୍ଣବର୍ଗ ସଂଖ୍ୟା ହେବ?
A) 23 B) 64 C) 25 D) 16

9. The minimum mark to pass an examination is 33% of the total marks. A student secured 220 marks and failed by 11 marks. What is the total marks of the examination?
ଗୋଟିଏ ପରୀକ୍ଷାରେ ପାସ କରିବା ପାଇଁ ସର୍ବନିମ୍ନ ନମ୍ବର ମୋଟ ନମ୍ବରର 33% । ଜଣେ ଛାତ୍ର 220 ନମ୍ବର ରଖି 11 ନମ୍ବର ପାଇଁ ଫେଲ ହେଲେ । ପରୀକ୍ଷାରେ ମୋଟ ନମ୍ବର କେତେ ଥିଲା ?
A) 800 B) 700 C) 900 D) 600

10. Three different positions of a dice with numbers inscribed on each side have been shown in the following figures. Find out the number opposite to 6.
ନିମ୍ନୋକ୍ତ ଚିତ୍ରଗୁଡ଼ିକରେ ପ୍ରତ୍ୟେକ ପାର୍ଶ୍ୱରେ ସଂଖ୍ୟାମାନ ଲେଖାଯାଇ ଗୋଟିଏ ସମଘନର ତିନୋଟି ବିଭିନ୍ନ ସ୍ଥିତି ଦର୍ଶାଯାଇଛି । 6 ର ବିପରୀତ ପଟକୁ ଥିବା ସଂଖ୍ୟାଟି କେତେ ?





(A) 4 (B) 3 (C) 1 (D) 2

11. If the ratio of the sides of 2 cubes is 3 : 4, what is ratio of their volume?
ଦୁଇଟି ସମଘନର ବାହୁ ମାନଙ୍କର ଅନୁପାତ 3 : 4 ହେଲେ, ସେମାନଙ୍କର ଆୟତନର ଅନୁପାତ କେତେ ହେବ ?
A) 3 : 4 B) 4 : 3 C) 64 : 27 D) 27 : 64

12. A bicycle was sold at a profit of 20%. If both the cost and the sale price are decreased by Rs.100, there will be an additional profit of 4%. What is the cost of the bicycle?
ଏକ ସାଇକେଲକୁ 20% ଲାଭରେ ବିକ୍ରି କରାଗଲା । ଯଦି ଉଭୟ କ୍ରୟମୂଲ୍ୟ ଓ ବିକ୍ରିମୂଲ୍ୟରେ ଟ.100 ଲେଖାଏଁ କମାଯାଏ, ତେବେ 4% ଅଧିକ ଲାଭ ମିଳିବ । ସାଇକେଲର କ୍ରୟମୂଲ୍ୟ କେତେ ?
A) Rs.500 B) Rs.600 C) Rs.550 D) Rs.650

13. 5 years back, the age of father and son together was 45. What will be the sum of their ages after 5 years?
5 ବର୍ଷ ପୂର୍ବେ ବାପ ଓ ପୁଅର ବୟସ ମିଶି 45 ବର୍ଷ ଥିଲା । 5 ବର୍ଷ ପରେ ସେମାନଙ୍କର ବୟସର ସମଷ୍ଟି କେତେ ହେବ?
A) 65 B) 60 C) 55 D) 50

14. Select the missing number of the circle from the responses given below.
ନିମ୍ନୋକ୍ତ ଉତ୍ତର ମାନଙ୍କ ମଧ୍ୟରୁ କେଉଁଟି ବୃତ୍ତରୁ ନିଖୋଜ ଥିବା ସଂଖ୍ୟା ଅଟେ?




A) 34 B) 90 C) 65 D) 85

OdishaJobAlert.Net

## Section - A : Mathematics

15. Which of the following are the pairs of co-primary number?
ନିମ୍ନୋକ୍ତ ଯୋଡି ମଧ୍ୟରୁ କେଉଁ ଯୋଡିଟି ପରସ୍ପର ମୌଳିକ ସଂଖ୍ୟା ଯୋଡି ଅଟନ୍ତି ?
A) (32, 62)  B) (14, 35)  C) (31, 93)  D) (17, 19)

16. Rahim reared some hen and goats. If the heads of the hens and goats are 90 and their legs are 248, how many goats did Rahim rear?
ରହିମ କିଛି କୁକୁଡା ଓ ଛେଳି ପାଳିଥିଲା । ଯଦି ଛେଳି ଓ କୁକୁଡାଙ୍କ ମୁଣ୍ଡ ମିଶି 90 ଓ ଗୋଡ ମିଶି 248 ହୁଏ, ତେବେ ରହିମ୍ କେତୋଟି ଛେଳି ପାଳିଥିଲା ?
A) 32  B) 34  C) 36  D) 40

17. When from 5 persons, one with 60kg weight left and a new man joined the team, their average weight increased by 2kg. What was the weight of the new man?
5 ଜଣ ଲୋକଙ୍କ ମଧ୍ୟରୁ 60 କି.ଗ୍ରା. ଓଜନର ଜଣେ ଲୋକ ବାହାରିଯାଇ ଅନ୍ୟଜଣେ ନୂଆ ଲୋକ ତାଙ୍କ ସହିତ ଯୋଗ ଦେବାପରେ ସେମାନଙ୍କର ହାରାହାରି ଓଜନ 2 କି.ଗ୍ରା. ବଢିଗଲା । ତେବେ ନୂଆ ଲୋକଟିର ଓଜନ କେତେ ?
A) 50 kg.  B) 65 kg.  C) 68 kg.  D) 70 kg.

18. In how many years a sum of Rs.5000/- will become an amount of Rs.5832/- at compound interest rate of 8% per annum.
ବାର୍ଷିକ 8% ହାରରେ 5000 ଟଙ୍କାର ସମୂଳ ଚକ୍ରବୃଦ୍ଧି ସୁଧ କେତେ ବର୍ଷରେ 5832 ଟଙ୍କା ହେବ ?
A) 3 years  B) 2 years  C) 4 years  D) 5 years

19. By what greatest number will 756, 2249, and 8227 be divided to leave the remainders of 9, 8, & 10 respectively?
କେଉଁ ବୃହତ୍ତମ ସଂଖ୍ୟା ଦ୍ୱାରା 756, 2249 ଓ 8227 କୁ ଭାଗକଲେ ଭାଗଶେଷ ଯଥାକ୍ରମେ 9, 8 ଓ 10 ରହିବ ?
A) 77  B) 747  C) 889  D) 898

20. The simple interest of some principal is its 16/25. If the rate of interest and the time are same, what is the rate of interest?
କୌଣସି ଏକ ମୂଳଧନର ସରଳ ସୁଧ ମୂଳଧନର 16/25 ଅଂଶ । ଯଦି ଉଭୟ ସୁଧର ହାର ଓ ସମୟ ସମାନ ହୁଏ, ତେବେ ସୁଧର ହାର କେତେ ?
A) 5  B) 8  C) 7  D) 4

21. What smallest number must be subtracted from 34967 to make the result of subtraction a complete square number?
34967 ରୁ କେଉଁ କ୍ଷୁଦ୍ରତମ ସଂଖ୍ୟା ବିୟୋଗ କଲେ, ବିୟୋଗଫଳ ଏକ ପୂର୍ଣ୍ଣବର୍ଗ ସଂଖ୍ୟା ହେବ ।
A) 371  B) 317  C) 316  D) 361

22. If A : B = 3 : 4 and B : C = 8 : 9, what is A : B : C?
ଯଦି A : B = 3 : 4 ଓ B : C = 8 : 9 ହୁଏ, ତେବେ A : B : C କେତେ?
A) 6 : 8 : 9  B) 8 : 6 : 9  C) 9 : 8 : 6  D) 3 : 32 : 9

OdishaJobAlert.Net

## Section - A : Mathematics

23. What will be total compound interest of Rs.8000 in 9 months at compound interest rate of 20%, if interest is calculated once in 3 months?
ଯଦି 3 ମାସକୁ ଥରେ ସୁଧ ହିସାବ କରାଯାଏ, 8000 ଟଙ୍କାର 20% ଚକ୍ରବୃଦ୍ଧି ସୁଧ ହାରରେ 9 ମାସର ମୋଟ ଚକ୍ରବୃଦ୍ଧି ସୁଧ କେତେ ହେବ,?
A) Rs.1250 B) Rs.1258 C) Rs.1261 D) Rs.1270

24. A book was sold at a profit of 12%. There would have been 18% profit if the sale price was 8 paise higher. What is the cost of the book?
ଗୋଟିଏ ବହି 12% ଲାଭରେ ବିକ୍ରି କରାଗଲା । ବିକ୍ରିମୂଲ୍ୟ ଆଉ 18 ପଇସା ଅଧିକ ହୋଇଥିଲେ 18% ଲାଭ ହୋଇଥାନ୍ତା । ବହିଟିର କ୍ରୟମୂଲ୍ୟ କେତ ?
A) Rs.5.00 B) Rs.2.00 C) Rs.4.00 D) Rs.3.00

25. What shall be the percentage of profit if a shopkeeper sells 2 lemons at the cost price of 5 lemons?
ଜଣେ ଦୋକାନୀ 5 ଟି ଲେମ୍ବୁର କିଣା ଦାମରେ 2 ଟି ଲେମ୍ବୁକୁ ବିକ୍ରିକଲେ ତାହାର ଶତକଡା ଲାଭ କେତେ?
A) 100% B) 125% C) 150% D) 130%

26. What is the cube root of $\frac{-1331}{4096}$ ?
$\frac{-1331}{4096}$ ର ଘନମୂଳ କେତେ ?
A) $-\frac{11}{36}$ B) $-\frac{21}{16}$ C) $\frac{21}{26}$ D) $-\frac{11}{16}$

27. An examinee secures 30% marks and fails by 50 marks in an examination. Another examinee gets 320 marks and fails by 30 marks. What is the maximum marks of the examination?
ଜଣେ ପରୀକ୍ଷାର୍ଥୀ ଏକ ପରୀକ୍ଷାରେ 30% ନମ୍ବର ରଖି 50 ମାର୍କ ପାଇଁ ଫେଲ୍ ହୁଏ । ଆଉ ଜଣେ ପରୀକ୍ଷାର୍ଥୀ 320 ନମ୍ବର ରଖି 30 ମାର୍କ ପାଇଁ ଫେଲ୍ ହୁଏ । ତେବେ ପରୀକ୍ଷାର ସର୍ବାଧିକ ମାର୍କ କେତେ ?
A) 700 B) 800 C) 900 D) 1000

28. If 517 * 324 is divisible by 3, which of the following small numbers will replace the star mark?
ଯଦି 517 * 324 ସଂଖ୍ୟାଟି 3 ଦ୍ୱାରା ବିଭାଜ୍ୟ ହୁଏ, ତେବେ * ଥିବା ସ୍ଥାନରେ ନିମ୍ନୋକ୍ତ କେଉଁ କ୍ଷୁଦ୍ରତମ ସଂଖ୍ୟାଟି ରହିବ ?
A) 0 B) 1 C) 2 D) None of these

29. If the salary of A is 25% higher than the salary of B, by what percent is the salary of B less than the salary of A?
ଯଦି A ର ଦରମା B ଦରମା ର 25% ଅଧିକ ହୁଏ, ତେବେ B ର ଦରମା A ଦରମାର ଶତକଡା କେତେ କମ ?
A) 15% B) 25% C) 10% D) 20%

OdishaJobAlert.Net

## Section - A : Mathematics

30. The depth of a water tank of cube size of equal sides is 200cm. If 1000 litres of water is drawn-out of the tank daily, in how many days will all the water of the tank be emptied?
ଗୋଟିଏ ସମଘନାକାର ପାଣି ଟାଙ୍କିର ଗଭୀରତା 200 ସେ.ମି । ଏଥିରୁ ଦୈନିକ 1000 ଲିଟର ପାଣି କାଢିଦେଲେ କେତେ ଦିନରେ ପାଣିତକ ଶେଷ ହୋଇଯିବ?
A) 4 days B) 6 days C) 7 days D) 8 days

31. If white is called Red, Red is called Blue, Blue is called yellow, Yellow is called Black, Black is called Green and Green is called Grey, then what is the colour of the clear sky?
ଯଦି ଧଳାକୁ ନାଲି, ନାଲିକୁ ନୀଳ ଏବଂ ନୀଳକୁ ହଳଦିଆ କୁହାଯାଏ, ହଳଦିଆକୁ କଳା, କଳାକୁ ସବୁଜ ଏବଂ ସବୁଜକୁ ଧୂସର କୁହାଯାଏ, ନିର୍ମଳ ଆକାଶର ରଙ୍ଗ କଣ?
A) Red B) Blue C) Yellow D) None of these


32. A, B & C start a business by investing money in the ratio of 5 : 7 : 6. Next year, they increased their investment by 26%, 20% and 15% respectively. Profit earned during the second year shall be distributed in the ratio of –
5 : 7 : 6 ଅନୁପାତରେ ପୁଞ୍ଜି ନିବେଶକରି A, B ଓ C ଗୋଟିଏ ବ୍ୟବସାୟ ଆରମ୍ଭ କରନ୍ତି । ତା ପରବର୍ଷ ସେମାନେ ପୁଞ୍ଜି ନିବେଶକୁ ଯଥାକ୍ରମେ 26%, 20% ଏବଂ 15% ବଢାଇ ଦିଅନ୍ତି । ଦ୍ୱିତୀୟ ବର୍ଷ ହୋଇଥିବା ଲାଭକୁ କେଉଁ ଅନୁପାତରେ ବଣ୍ଟନ କରାଯିବ '?
A) 21 : 28 : 23 B) 26 : 20 : 15 C) 31 : 27 : 21 D) None of these

33. Three of the following four are alike in a certain way and hence form a group. Which is the one that does not belong to that group?
ନିମ୍ନୋକ୍ତ ଚାରିଟି ମଧ୍ୟରୁ ତିନୋଟି କୌଣସି ନିର୍ଦ୍ଦିଷ୍ଟ ସୂତ୍ରରେ ସମାନ । କେଉଁଟି ସେହି ଗୋଷ୍ଠୀର ନୁହେଁ ?
A) OSV B) NRU C) GKN D) EHL


34. If X=$(3+\sqrt{8})$, then, $(x^2+\frac{1}{X^2})$=_____?
ଯଦି X =$(3+\sqrt{8})$ ହୁଏ, ତେବେ, $(x^2+\frac{1}{X^2})$= କେତେ ହେବ?
A) 38 B) 36 C) 34 D) 32

35. Which of the following boxes can be created by folding the given key design in the question figure?
ପ୍ରଶ୍ନ ଚିତ୍ରରେ ପ୍ରଦତ୍ତ ମୂଳ ରେଖାଚିତ୍ରକୁ ଭାଙ୍ଗକରି ନିମ୍ନୋକ୍ତ କେଉଁ ବାକ୍ସଟି ତିଆରି କରିହେବ?

**Question Figure**




**Answer Figure**




OdishaJobAlert.Net

## Section - A : Mathematics

36. In a joint venture A & B invested money at a ratio of **3 : 2**. If 5% of the total profit is donated to a charitable institution and A gets Rs.1824, what is the total profit?
A ଓ B ଏକ ଯୌଥ ବ୍ୟବସାୟରେ **3 : 2** ଅନୁପାତରେ ଅର୍ଥ ବିନିଯୋଗ କଲେ । ଯଦି ମୋଟ ଲାଭର 5% ଏକ ଦାତବ୍ୟ ଅନୁଷ୍ଠାନକୁ ଦାନ କରାଯାଏ ଏବଂ 'A' 1824 ଟଙ୍କା ପାଏ, ତେବେ ମୋଟ ଲାଭ କେତେ ଟଙ୍କା?
A) 3000 B) 3300 C) 3200 D) None of these

37. $\sqrt[3]{27} \times \sqrt[3]{-2744}$ = ______?
$\sqrt[3]{27} \times \sqrt[3]{-2744}$ = କେତେ ହେବ?
A) -52 B) -42 C) -32 D) -24

38. The average monthly salary of 10 employees working in company is Rs.6835 and the average monthly salary of 3 women employees among them is Rs.5428. What is the average monthly salary of the rest 7 employees?
ଗୋଟିଏ କମ୍ପାନିରେ କାମକରୁଥିବା 10 ଜଣ କର୍ମଚାରିଙ୍କର ହାରାହାରି ମାସିକ ବେତନ 6835 ଟଙ୍କା ଏବଂ ସେମାନଙ୍କ ମଧ୍ୟରେ ଥିବା 3 ଜଣ ମହିଳା କର୍ମଚାରୀଙ୍କର ମାସିକ ହାରାହାରି ବେତନ 5428 ଟଙ୍କା । ତେବେ ଅବଶିଷ୍ଟ 7 ଜଣଙ୍କର ହାରାହାରି ମାସିକ ବେତନ କେତେ ?
A) Rs.6550 B) Rs.6845 C) Rs.7238 D) Rs.7438

39. 7 members of a family live for 36 days at Rs.840/-. How many days can 9 members of that family live at Rs.810?
ଗୋଟିଏ ପରିବାରର 7 ଜଣ ବ୍ୟକ୍ତି 840 ଟଙ୍କାରେ 36 ଦିନ ଚଳିପାରନ୍ତି । ସେହି ପରିବାରର 9 ଜଣ ବ୍ୟକ୍ତି 810 ଟଙ୍କାରେ କେତେ ଦିନ ଚଳି ପାରିବେ ?
A) 24 days B) 27 days C) 30 days D) 36 days

40. In certain code GEAR is written as 5914 and ROUTE is 47289. How shall GATE be written in that code?
କୌଣସି ସାଙ୍କେତିକରେ GEAR କୁ 5914 ଏବଂ ROUTEକୁ 47289 ଲେଖାଯାଏ । GATEକୁ ସେହି ସାଙ୍କେତିକରେ କିପରି ଲଖାଯିବ ?
A) 5187 B) 5189 C) 5289 D) 5429

41. A, B & C invested Rs.114000 in a business. At the end of the year they got profit of Rs.337.50, 1125 and 675 respectively. What is the investment amount of A?
A, B ଓ C ଏକ ବ୍ୟବସାୟରେ ମୋଟ 114000 ଟଙ୍କା ବିନିଯୋଗ କଲେ । ବର୍ଷ ଶେଷରେ ସେମାନେ ଯଥାକ୍ରମେ ଟ.337.50, ଟ.1125 ଓ ଟ.675 ଲାଭ ପାଇଲେ । A ର ବିନିଯୋଗ ଅର୍ଥର ପରିମାଣ କେତେ ?
A) Rs.18000 B) Rs.60000 C) Rs.36000 D) Rs.48000

42. The population of a town is 300000. If the birth rate is 5% and the death 3%, what will be the population of that town after 2 years?
ଗୋଟିଏ ସହରର ଲୋକସଂଖ୍ୟା 300000 । ଯଦି ଜନ୍ମହାର 5% ଓ ମୃତ୍ୟୁହାର 3% ହୋଇଥାଏ, ତେବେ 2 ବର୍ଷ ପରେ ସେହି ସହରର ଲୋକ ସଂଖ୍ୟା କେତେ ହେବ ?
A) 321120 B) 311220 C) 312120 D) 322110

OdishaJobAlert.Net

## Section - A : Mathematics


43. How many 3 digit natural numbers are there?
ତିନି ଅଙ୍କ ବିଶିଷ୍ଟ ମୋଟ ଗଣନ ସଂଖ୍ୟା କେତୋଟି ଅଛି ?
A) 800 B) 1000 C) 900 D) 1001

44. A person sold a T.V set at Rs.3450 making a profit of 15% and sold another T.V set at a loss of 10%. If on the whole there is no profit or loss, what is the sale price of second T.V set?
ଜଣେ ଲୋକ ଏକ T.V କୁ 3450 ଟଙ୍କାରେ ବିକ୍ରିକରି 15% ଲାଭ କଲେ ଓ ଅନ୍ୟ ଏକ T.V କୁ 10% କ୍ଷତିରେ ବିକ୍ରିକଲେ । ଯଦି ମୋଟ ଉପରେ ତାଙ୍କର ଲାଭ କିମ୍ବା କ୍ଷତି ହୋଇ ନ ଥାଏ, ତେବେ ଦିତୀୟ T.V. ର ବିକ୍ରି ମୂଲ୍ୟ କେତେ ?
A) Rs.3450 B) Rs.4000 C) Rs.4500 D) None of these

45. 7 years ago the age of Ajay and Bijay was in the ratio of 4 : 5. After 7 years, the ratio of their age will be 5 : 6. What is present age of Bijay?
7 ବର୍ଷ ପୂର୍ବେ ଅଜୟ ଓ ବିଜୟର ବୟସର ଅନୁପାତ 4 : 5 ଥିଲା । ବର୍ତ୍ତମାନଠାରୁ 7 ବର୍ଷପରେ ସେମାନଙ୍କର ବୟସର ଅନୁପାତ 5 : 6 ହେବ । ତେବେ ବିଜୟର ବର୍ତ୍ତମାନ ବୟସ କେତେ ?
A) 56 years B) 63 years C) 70 years D) 77 years

46. There was 10 litres of milk in a pot. 3 litres of milk was drawn out of it and 3 litres of water added. Again 3 litres of the mixture of milk and water was drawn out and 3 litres of water added. What is percentage of milk in the new mixture?
ଏକ ପାତ୍ରରେ 10 ଲିଟର କ୍ଷୀର ଥିଲା । ଏଥିରୁ 3 ଲିଟର କ୍ଷୀର କାଢିଦେଇ 3 ଲିଟର ପାଣି ମିଶାଗଲା । ପୁନଶ୍ଚ ଏହି କ୍ଷୀର ଓ ପାଣିର ମିଶ୍ରଣରୁ 3 ଲିଟର ମିଶ୍ରଣ କାଢି 3 ଲିଟର ପାଣି ମିଶାଗଲେ, ନୂତନ ମିଶ୍ରଣରେ କ୍ଷୀରର ଶତକଡା ପରିମାଣ କେତେ?
A) 50% B) 49% C) 51% D) 8%

47. How many triangles are there in the figure given below?
ନିମ୍ନୋକ୍ତ ଚିତ୍ରରେ କେତୋଟି ତ୍ରିଭୁଜ ଅଛି ?



(A) 10 (B) 16 (C) 8 (D) 20

48. J, K, L, M and N are five friends. Each of them has a different height. L is taller than J & N and shorter than K & M. Only one person is shorter than N. Who is the shortest?
J, K, L, M ଏବଂ N ପାଞ୍ଚଜଣ ବନ୍ଧୁ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉଚ୍ଚତା ଭିନ୍ନ । J ଏବଂ N ଅପେକ୍ଷା L ଅଧିକ ଡେଙ୍ଗା ଏବଂ K ଏବଂ M ଅପେକ୍ଷା ସାନ । କେବଳ ଜଣେ N ଅପେକ୍ଷା ବାଙ୍ଗରା । ତେବେ କିଏ ସବୁଠୁ ବାଙ୍ଗରା?
A) M B) K C) J D) L

OdishaJobAlert.Net

## Section - A : Mathematics

49. The ratio of milk and water in a mixture is 3 : 2. If 4 litres of water is added, the quantity of milk and water becomes equal. What is the quantity of water?
ଏକ ମିଶ୍ରଣରେ କ୍ଷୀର ଓ ଜଳର ଅନୁପାତ 3 : 2 । ଯଦି 4 ଲିଟର ଜଳମିଶା ଯାଏ, ତେବେ କ୍ଷୀର ଓ ଜଳର ପରିମାଣ ସମାନ ହେବ, ତେବେ ଜଳର ପରିମାଣ କେତେ ?
A) 8 liters B) 10 liters C) 12 liters D) 16 liters

50. The marked price of a watch is Rs.900. A shopkeeper sold it by giving two continuous rebates of 20% and 10% respectively. What is its sale price?
ଏକ ଘଣ୍ଟାର ଲିଖିତ ମୂଲ୍ୟ 900 ଟଙ୍କା । ଦୋକାନୀ ଏହି ଘଣ୍ଟାକୁ ଦୁଇଟି କ୍ରମାଗତ ରିହାତି ଯଥାକ୍ରମେ 20% ଓ 10% ଦେଇ ବିକ୍ରିକଲା । ଏହାର ବିକ୍ରିମୂଲ୍ୟ କେତେ ହେବ ?
A) Rs.548 B) Rs.648 C) Rs.748 D) None of these

51. What will be the expenditure to dig a cubic size pit of 12 meter depth at the rate of Rs.25 per cubic meter?
12 ମିଟର ଗଭୀର ଏକ ସମଘନାକାର ଗାତ ଖୋଳିବାକୁ ଘନ ମିଟରପ୍ରତି 25 ଟଙ୍କା ହିସାବରେ କେତେ ଖର୍ଚ୍ଚ ହେବ?
A) Rs.43200 B) Rs.42200 C) Rs.41200 D) Rs.40200

52. The difference between compound interest and simple interest on a certain sum of money for three years @ 10% per annum is Rs.248. Find out the principal amount.
ଯଦି କୌଣସି ଏକ ମୂଳଧନର ବାର୍ଷିକ 10% ସୁଧ ହାରରେ 3 ବର୍ଷର ଚକ୍ରବୃଦ୍ଧି ସୁଧ ଓ ସରଳ ସୁଧର ଅନ୍ତର 248 ଟଙ୍କା ହୁଏ, ତେବେ ମୂଳଧନର ପରିମାଣ କେତେ ?
A) Rs.8000 B) Rs.8500 C) Rs.9000 D) Rs.9500

53. A person went 30 meters to the East from a place called ‘A’ and then 40mtrs to the North to reach another place called ‘B’. What is the distance between A & B?
ଜଣେ ବ୍ୟକ୍ତି ‘A’ ସ୍ଥାନ ଠାରୁ ପୂର୍ବ ଦିଗକୁ 30 ମିଟର ଓ ସେଠାରୁ ଉତ୍ତର ଦିଗକୁ 40 ମି. ଯାଇ ଅନ୍ୟ ଏକ ସ୍ଥାନ ‘B’ ଠାରେ ପହଞ୍ଚିଲେ । A ଓ B ମଧ୍ୟରେ ଦୂରତା କେତେ ?
A) 70meters B) 10meters C) 50meters D) 100meters

54. Pointing to a boy, Akash said his mother is the only daughter of my son’s grand mother. How is Akash related to the boy?
ଗୋଟିଏ ବାଳକକୁ ନିର୍ଦ୍ଦେଶ କରି, ଆକାଶ କହିଲା ଯେ ତା’ ମାଆ ମୋର ପୁଅର ଆଇର ଏକମାତ୍ର ଝିଅ । ଆକାଶର ସେହି ବାଳକ ସହିତ ସମ୍ପର୍କ କ”ଣ?
A) Uncle B) Father C) Brother D) Son-in-law

55. Find out the value of $\sqrt{13\sqrt{13\sqrt{13\sqrt{13}}}}$
$\sqrt{13\sqrt{13\sqrt{13\sqrt{13}}}}$ ର ମୂଲ୍ୟ ନିରୂପଣ କର ।
A) $13^{15/16}$ B) 169 C) 13 D) $\sqrt{13}$

56. What is the square root of 0.053361?
0. 053361 ର ବର୍ଗ ମୂଳ କେତେ?
A) ± 0.231 B) ±0.241 C) ±0.249 D) ±0.251

OdishaJobAlert.Net

## Section - A : Mathematics


57. Paresh, Naresh & Suresh started a business with investment of 1/2 : 1/3 : 1/4 respectively. After 2 months Paresh took back ½ of his investment. At the end of the year, they got a total profit of Rs.378. How much profit will Naresh get out of that?

ପରେଶ, ନରେଶ ଓ ସୁରେଶ ତିନିଜଣ ମିଶି ଏକ ବ୍ୟବସାୟ ଆରମ୍ଭ କଲେ । ସେମାନେ ଦେଇଥିବା ମୂଳଧନର ଅନୁପାତ ଯଥାକ୍ରମେ 1/2 : 1/3 : 1/4 । ଦୁଇମାସ ପରେ ପରେଶ ତା' ର ଦେଇଥିବା ମୂଳଧନରୁ ଅଧା ଉଠାଇ ନେଲା । ବର୍ଷ ଶେଷରେ ସେମାନେ ମୋଟ୍ 378 ଟଙ୍କା ଲାଭ ପାଇଲେ । ତେବେ ଉକ୍ତ ଲାଭରୁ ନରେଶ କେତେ ଟଙ୍କା ପାଇବ ?

A) Rs.129 B) Rs. 144 C) Rs. 156 D) Rs. 168

58. In the following figure, the circle represents Men, the rectangle represents Doctors and the triangle represents Lawyers. Find out the men who are doctors but not lawyers.

ନିମ୍ନୋକ୍ତ ଚିତ୍ରରେ ବୃତ୍ତ ପ୍ରତିନିଧିତ୍ୱ କରୁଛି ମଣିଷ ମାନଙ୍କର, ଆୟତଚିତ୍ର ପ୍ରତିନିଧିତ୍ୱ କରୁଛି ଡାକ୍ତରମାନଙ୍କୁ ଏବଂ ତ୍ରିଭୁଜ ପ୍ରତିନିଧିତ୍ୱ କରୁଛି ଓକିଲମାନଙ୍କୁ । କେଉଁମାନେ ଡାକ୍ତର କିନ୍ତୁ ଓକିଲ ନୁହନ୍ତି ନିର୍ଣ୍ଣୟ କର ।




(A) E (B) JH (C) G (D) DE

59. How many meaningful words can be made with the letters ELMA using each letter only once in each word?

ପ୍ରତ୍ୟେକ ଶବ୍ଦରେ ପ୍ରତ୍ୟେକ ଅକ୍ଷରକୁ ଥରେମାତ୍ର ବ୍ୟବହାର କରି ELMA ଅକ୍ଷର ସମୂହକୁ ନେଇ କେତୋଟି ଅର୍ଥଯୁକ୍ତ ଶବ୍ଦ ତିଆରି କରାଯାଇ ପାରିବ ?

A) None B) One C) Two D) Three

60. 10 years back, the age of the father was three times the age of the son. After 5 years, the age of the father will be two times the age of the son. What is the ratio of their present ages?

10 ବର୍ଷ ପୂର୍ବେ ପିତାର ବୟସ ପୁତ୍ର ବୟସର ତିନି ଗୁଣ ଥିଲା । 5 ବର୍ଷପରେ ପିତାଙ୍କର ବୟସ ପୁତ୍ର ବୟସର ଦୁଇ ଗୁଣ ହେବ । ତେବେ ସେମାନଙ୍କର ବର୍ତ୍ତମାନ ବୟସର ଅନୁପାତ କେତେ?

A) 10 : 5 B) 11 : 5 C) 12 : 7 D) 9 : 4

61. If 5% of the sale price of an article is equal to 6% the cost price and 8% of the sale price and 9% of the cost price make a total of Rs.93, what is the cost of the article?

ଯଦି ଗୋଟିଏ ଜିନିଷର ବିକ୍ରିମୂଲ୍ୟର 5% ଓ କ୍ରୟମୂଲ୍ୟର 6% ପରସ୍ପର ସମାନ ଏବଂ ବିକ୍ରିମୂଲ୍ୟର 8% ଓ କ୍ରୟମୂଲ୍ୟର 9% ର ସମଷ୍ଟି 93 ଟଙ୍କା ହୁଏ, ଜିନିଷଟିର କ୍ରୟମୂଲ୍ୟ କେତେ ହେବ ?

A) Rs.600 B) Rs.400 C) Rs.500 D) Rs.700

OdishaJobAlert.Net

## Section - A : Mathematics


62. The average age of 25 boys is 15 years. If the average ages of the first and the last 12 boys are 14.5 years and 15.5 years respectively, what is the age of the thirteenth boy?
25 ଜଣ ବାଳକଙ୍କର ହାରାହାରି ବୟସ 15 ବର୍ଷ । ପ୍ରଥମ 12 ଜଣ ଓ ଶେଷ 12 ଜଣଙ୍କର ହାରାହାରି ବୟସ ଯଥାକ୍ରମେ 14.5 ବର୍ଷ ଓ 15.5 ବର୍ଷ ହେଲେ, 13 ତମ ସ୍ଥାନରେ ଥିବା ବାଳକର ବୟସ କେତେ?
A) 10 B) 12 C) 15 D) 16

63. The present height of a tree is 64cm. Every year it grows by 1/8 of its height. What will be the height of the tree after two years from now?
ଗୋଟିଏ ଗଛର ବର୍ତ୍ତମାନ ଉଚ୍ଚତା 64 ସେ.ମି. । ଗଛଟି ପ୍ରତିବର୍ଷ ନିଜ ଉଚ୍ଚତାର 1/8 ଅଂଶ ବଢେ, ତେବେ ବର୍ତ୍ତମାନଠାରୁ ଦୁଇ ବର୍ଷପରେ ଗଛର ଉଚ୍ଚତା କେତେ ହୋଇଥିବ ?
A) 76 cm B) 80 cm C) 81 cm D) 84 cm


64. What will be the amount of principal and interest if Rs.860 is invested for 2 years @2paise per rupee per month?
ଟଙ୍କାପ୍ରତି ମାସକୁ 2 ପଇସା ହିସାବରେ 860 ଟଙ୍କାର 2 ବର୍ଷର ସମୂଳସୁଧ କେତେ ହେବ ?
A) Rs.1227.80 B) Rs.1722.80 C) Rs.1272.80 D) Rs.1722

65. Which of the following answer figures will complete the question figure?
ନିମ୍ନ ପ୍ରଦତ୍ତ ଉତ୍ତର ଚିତ୍ରଗୁଡ଼ିକରୁ କେଉଁଟି ପ୍ରଶ୍ନ ଚିତ୍ରଟିକୁ ସଂପୂର୍ଣ୍ଣ କରିପାରିବ ?

**Question Figure**



**Answer Figure**



(A) (B) (C) (D)

66. A milk vendor buys milk at Rs.4 per litre and adds 25% water to it. It he sells the adulterated milk at Rs.5 per litre, what is the percentage of his profit?
ଜଣେ କ୍ଷୀର ବ୍ୟବସାୟୀ ଲିଟର ପ୍ରତି ଟ.4 ଦରରେ କ୍ଷୀର କିଣି ସେଥିରେ 25% ପାଣି ମିଶାଏ । ଯଦି ସେ ପାଣିମିଶା କ୍ଷୀରକୁ ଲିଟର ପ୍ରତି ଟ.5 ଦରରେ ବିକ୍ରିକରେ, ତାର ଶତକଡା ଲାଭ କେତେ ?
A) 56.25 B) 50.25 C) 55.25 D) None of these

67. Mohan suffered a loss of 10% by selling his wristwatch at Rs.1440. At what price he should have sold the watch to get a profit of 10%?
ମୋହନ ତା'ର ହାତଘଣ୍ଟାଟିକୁ 1440 ଟଙ୍କାରେ ବିକ୍ରିକରି 10% କ୍ଷତି ସହିଲା । ତେବେ ସେ ଘଣ୍ଟାଟିକୁ କେତେ ଟଙ୍କାରେ ବିକ୍ରି କରିଥିଲେ 10% ଲାଭ ପାଇଥାନ୍ତା ?
A) Rs.1650 B) Rs.1700 C) Rs.1760 D) Rs.1820

OdishaJobAlert.Net

**Directions for Questions No. 68 to 70**: Six persons A, B, C, D, E and F are sitting in two rows, three in each. E is not at the end of any row; D is sitting second to the left of F; C, the neighbour of E, is sitting diagonally opposite to D; B is the neighbour of F.

**ପ୍ରଶ୍ନ ସଂଖ୍ୟା 52 ରୁ 54 ପାଇଁ ନିର୍ଦ୍ଦେଶାବଳୀ:** A, B, C, D, E ଏବଂ F ପ୍ରତ୍ୟେକ ଧାଡିରେ ତିନିଜଣ ଲେଖାଏଁ ଦୁଇଟି ଧାଡିରେ ବସିଛନ୍ତି । କୌଣସି ଧାଡିର ଶେଷରେ E ବସି ନାହିଁ; F ର ବାମପଟକୁ ଦ୍ୱିତୀୟ ସ୍ଥାନରେ ବସିଛି D; C ଯେ କି E ର ପଡୋଶୀ D ର ବିପରୀତ ପଟେ ତେରଛା ଭାବେ ବସିଛି; F ର ପଡୋଶୀ ହେଉଛି B ।

68. Who of the following are sitting diagonally opposite to each other?
ନିମ୍ନୋକ୍ତ କେଉଁ ଯୋଡି ପରସ୍ପର ତେରଛାଭାବେ ବସିଛନ୍ତି?
A) F and C B) D and A C) A and C D) A and F

69. Who is facing B?
କିଏ B କୁ ମୁହଁ କରି ବସିଅଛି ?
A) E B) C D) D E) A

70. Who of the following are sitting close to each other in same row?
ନିମ୍ନୋକ୍ତ କେଉଁମାନେ ପରସ୍ପର ନିକଟରେ ଏକା ଧାଡିରେ ବସିଛନ୍ତି?
A) A and B B) A and E C) C and B D) E and D

## Section - B : English

**Instructions:** Read the following passage carefully and pick out the correct one out of four answers given below the **Question No.71 to 80**.

(1)Gender-based violence, including rape, domestic violence, mutilation, murder and sexual abuse is a profound health problem for women across the globe. (2)Although gender violence is a significant cause of female morbidity and mortality, it is almost never seen as a public health issue. (3)Recent World Bank estimates of the global burden of diseases indicate that in established market economies, gender-based victimization is responsible for one out of every five health days of life lost to women of reproductive age. (4)On a per capita basis, the health burden imposed by rape and domestic violence in the industrial and developing world is roughly equivalent, but, because the total disease burden is so much greater in the developing world, the percentage attributable to gender-based victimization is smaller. (5)Nonetheless, on a global basis, the health burden from gender-based victimization is comparable to that from other conditions already high on the world agenda. (6)Female-focused violence also represents a hidden obstacle to economic and social development. (7)By sapping women's energy, undermining their confidence, and compromising their health, gender violence deprives society of women's full participation.

71. How does female focused violence stand on the way national welfare?
A) Women are killed by female focused violence and unable to participate in welfare program.
B) Women do not join national welfare program in apprehension of gender biased violence.
C) It drains women's energy, reduces their confidence, affect their health and hence deprives them of full participation in economic and social development.
D) Women have not been given adequate representation in programs of national welfare.

OdishaJobAlert.Net

72. What according to the author has never been considered a public health issue?
A) Female morbidity and mortality.
B) Rape, murder, sexual abuse and domestic violence.
C) Gender-based violence causing morbidity and mortality.
D) Gender based violence affecting women.

73. What is the burden of health problems caused by gender-based violence on the global level?
A) Almost the same as that of health issues caused by other conditions already high on the global agenda.
B) Greater than any other health problems in the WHO agenda.
C) Smaller than any other health problems.
D) Higher than the health issues caused by other conditions already high on the international agenda.

74. How does the author compare the developed and the developing countries in the quantum of health problems caused by rape and domestic violence?
A) The health problems caused by rape and domestic violence in the developed countries are higher than that of the developing countries.
B) The health problems caused by rape and domestic violence in the developing countries are higher than in the developed countries.
C) The quantum of health problems caused by rape and domestic violence in both the developing and the developed countries are approximately the same.
D) The ratio of health problems caused by rape and domestic violence in the developed and the developing countries varies from time to time.

75. Why the percentage of health casualties caused by gender based atrocities is smaller in the developing countries?
A) The total health problems is smaller than the gender based problems.
B) Compared with the gender based problems, the total disease burden in the developing countries is much greater than that of the developed countries.
C) The total health problems is roughly equivalent with the gender based problems.
D) Compared with the gender based problems, the total disease burden in the developing countries is smaller than that of the developed countries.

76. Which of the underlined parts of the following sentence is not a Transitive Verb?

*By sapping (A) women's energy, undermining their confidence, and compromising (C) their health, gender violence deprives (C) the society of women's full participation. None (D)*

77. Which of the underlined parts of the following sentence is neither a Noun nor Pronoun?

*Gender-based violence (A), including rape, domestic violence, mutilation (B), murder and sexual abuse is a profound (C) health problem for women (D) across the globe.*

78. Out of the sentences numbering 1 to 7 given in the passage, which ones or one is/are Compound sentence/s?

A) sentence 4 B) sentence 5 & 7 C) sentence 6 D) sentence 3 & 4

OdishaJobAlert.Net

79. Out of the sentences numbering 1 to 7 given in the passage, which ones or one contain/s Passive verb pattern/s?
A) sentence 1 & 3 B) sentence 2 C) sentence 4 & 5 D) sentence 6

80. Which of the underlined parts of the following sentence is an Infinite Verb?

*Recent World Bank estimates (A) of the global burden of diseases indicate (B) that in the established market economies, gender-based victimization (C) is responsible for one out of every five health days of life lost (D) to women of reproductive age.*

**Instructions:** Fill up the gaps with appropriate Verb/Auxiliary Verb/Preposition from the alternatives given below the **Question No.81 to 85**.

81. I like listening to the radio but I am not always impressed __________ the quality of the programs.
A) with B) at C) about D) by

82. Take possession of the records immediately so that they are not ________ with.
A) tempering B) tamper C) tampered D) tempered

83. Ireland was part of the UK, _____?
A) Isn't it B) wasn't it C) hasn't it D) weren't it

84. Will he______ completed his work by tomorrow?
A) had B) have C) has D) been

85. The ski resorts are usually crowded. There are many people _____ skiing.
A) enjoy B) are enjoying C) who enjoy D) who enjoying

86. He enquired, 'When do you intend to pay me?'- Change the sentence into indirect speech.
A) He enquired when I intend to pay him.
B) He enquired when I intended to pay him.
C) He queried if I intend to pay him.
D) He queries when I intend to pay him.

87. Identify the sentence-Kailash Satyarthi was awarded Nobel Prize for Peace in 2014.
A) Declaratory B) Exclamatory C) Interrogatory D) Satisfactory

88. I always love my country. - Change the sentence into negative without changing its meaning.
A) There is no occasion when I don't love my country.
B) There are occasions when I don't love my country.
C) There is no occasion when I love my country.
D) No occasion is there when I love my country.

89. Pick out the correct sentence from the following.
A) None of the two books is useful. B) Neither of these two books is useful.
C) None of this two books is useful. D) None of the above.

90. Identify the degree of comparison in the sentence- Some beans are at least as nutritious as meat.
A) Comparative B) Superlative C) Positive D) Negative

OdishaJobAlert.Net

## Section - C : Odia

**ନିର୍ଦ୍ଦେଶାବଳୀ**: ନିମ୍ନ ଲିଖିତ ଅନୁଚ୍ଛେଦଟିକୁ ଯତ୍ନ ସହକାରେ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା **ପ୍ରଶ୍ନ ସଂଖ୍ୟା 91 ରୁ 95** ର ସଠିକ୍ ଉତ୍ତର ନିର୍ଣ୍ଣୟ କରନ୍ତୁ ।

ସାଧାରଣତଃ ଆମେ ଦେଖିବାକୁ ପାଉ ଯେ ଯେଉଁ ଯୁବକ ବିବ୍ରତ, ସେ ମଧ୍ୟ କ୍ରୋଧୀ, ଏପରିକି, ନିଜ ଜୀବନ ପ୍ରତି । ସଫଳତା ପ୍ରାପ୍ତି ପାଇଁ ଏପରି ଯୁବକର ଉତ୍ସାହ ରହିଥାଏ, ମାତ୍ର ତା ପାଖରେ ନ ଥାଏ ଦିକ୍ ଦର୍ଶନ । ତା ଚତୁଃପାର୍ଶ୍ୱରେ ଅନ୍ୟମାନେ ଜୀବନରେ କୃତକାର୍ଯ୍ୟ ହେଉଥିବା ଦେଖି ସେ ନୈରାଶ୍ୟ ଜର୍ଜରିତ ହୁଏ ଏବଂ ସେମାନଙ୍କ ସଫଳତାରେ ସେ କେବେ ସୁଖୀ ହୋଇପାରେ ନାହିଁ । ନିଜ ପାଖରେ କ' ଣ ଅଭାବ ରହିଛି, ତାକୁ ନେଇ ସେ ଆନ୍ଦୋଳିତ ହୁଏ । ଏପରି ଅବସ୍ଥାରେ ସେ ନିଜକୁ ଦୁସ୍ଥ ଏବଂ ଶକ୍ତିହୀନ ମନେକରେ । ଏହି ଦୁଶ୍ଚିନ୍ତା ଓ ଅବସାଦରେ ମଣିଷ ଜୀବନକୁ ସେ ଠିକ୍ ଭାବେ ଉପଭୋଗ କରିବାରୁ ବଞ୍ଚିତ ହୁଏ । ନୈରାଶ୍ୟ ବୋଧ ହେତୁ, ମହାକାଶର ଶୂନ୍ୟତାକୁ ଆଖି ଡେରି ରହେ ଏବଂ ତାକୁ ପଥ ପ୍ରଦର୍ଶନ କରିବାକୁ, ସେ ପ୍ରାର୍ଥନା ଜଣାଏ । ଅଦୃଶ୍ୟ ଓ ନୀରବ ଭାବେ ସଂବେଦନଶୀଳ ମହାକାଶ ତା' ର ଡାକକୁ ଗ୍ରହଣ କରି ଉତ୍ତର ଦିଏ, "ମୋ ପରି ବିଶାଳ ହୁଅ ..... ଅସରନ୍ତି ସମ୍ଭବନାର ବିଶାଳତା ତୁମର ଅନ୍ତରାତ୍ମାରେ ସ୍ଥାନ ନେଉ" । ଔପନ୍ୟାସିକ ଓସ୍କାର ୱାଇଲ୍ଡ କହନ୍ତି, "ହେ ଯୌବନ, କି କରୁଣ, ତୁମେ ଯୁବ ଜୀବନରେ ନଷ୍ଟପ୍ରାପ୍ତ"। ଯେତେବେଳେ ମଣିଷ ଯୌବନପୂର୍ଣ୍ଣ, ତା ପାଖରେ ଅଛି ଅଫୁରନ୍ତ ଶକ୍ତି, କିନ୍ତୁ ପରିପକ୍ୱତାର ଅଭାବ; ଏବଂ ଯେତେବେଳେ ପ୍ରାପ୍ତ ବୟସ୍କ, ସେ ପରିପକ୍ୱତା ଏବଂ ଅଭିଜ୍ଞତାର ଅଧିକାରୀ ହୁଏ, କିନ୍ତୁ ଯୌବନପୂର୍ଣ୍ଣ ଶକ୍ତି ତା' ପାଖରେ ନ ଥାଏ । ଏହି ଯୌବନପୂର୍ଣ୍ଣ ଶକ୍ତି ଏବଂ ପରିପକ୍ୱତାକୁ ଏକାଠି ପ୍ରାପ୍ତହେବା ହେଉଛି ଆଜିର ଯୁବପିଢୀର ଆହ୍ୱାନ । ଏହା ସେତେବେଳେ ସମ୍ଭବ ଯେତେବେଳେ ସେ ଜୀବନପ୍ରତି ସ୍ୱାସ୍ଥ୍ୟବାନ୍ ଦୃଷ୍ଟିଭଙ୍ଗୀ ଆହରଣ କରେ । ଉତ୍ତମ ଦୃଷ୍ଟିଭଙ୍ଗୀ ମଣିଷକୁ ଉଚ୍ଚତର ସ୍ଥାନକୁ ନିଏ । ଏଥିପାଇଁ ଆବଶ୍ୟକ "ଅ.ଆ.ଉ." କୌଶଳର ପ୍ରୟୋଗ । ଏକ ଉନ୍ମୁକ୍ତ ଏବଂ ଅନୁସନ୍ଧିତ୍ସୁ ଦୃଷ୍ଟିଭଙ୍ଗୀର ପ୍ରତୀକ ହେଉଛି – ଅ । ଏକ ଶକ୍ତିଶାଳୀ ଏବଂ ଅସୀମ ଆସ୍ଥାର ସୂଚକ ହେଲା- ଆ । ପରିଶେଷରେ ପ୍ରତ୍ୟହ ଆମର ସମସ୍ତ କର୍ତ୍ତବ୍ୟ ସମ୍ପାଦନରେ ଶକ୍ତିର ଯତ୍ନପୂର୍ଣ୍ଣ ଉପଯୋଗ, ଯାହାକୁ କୁହାଯାଇ ପାରିବ – ଉ ।

91. ଯୌବନପୂର୍ଣ୍ଣ ଶକ୍ତି ଏବଂ ପ୍ରାପ୍ତ ବୟସ୍କଙ୍କ ପରିପକ୍ୱତାକୁ ଏକାଠି ପାଇବାକୁ ଲେଖକଙ୍କ ମତରେ ଆଜିର ଯୁବପିଢୀଙ୍କୁ କ'ଣ କରିବାକୁ ହେବ?
   - A) ଜୀବନପ୍ରତି ଏକ ଉନ୍ମୁକ୍ତ ଏବଂ ଅନୁସନ୍ଧିତ୍ସୁ ଦୃଷ୍ଟିଭଙ୍ଗୀ ଧାରଣ କରିବାକୁ ହେବ ।
   - B) ଏଥିପାଇଁ "ଅ.ଆ.ଉ." କୌଶଳର ପ୍ରୟୋଗ କରିବାକୁ ହେବ ।
   - C) ଜୀବନ ଯାପନରେ ଏକ ଶକ୍ତିଶାଳୀ ଏବଂ ସୀମାହୀନ ଆସ୍ଥା ଧାରଣ କରିବା ।
   - D) ଜୀବନ ଯାପନରେ ମୁକ୍ତ ଏବଂ ଅନୁସନ୍ଧିତ୍ସୁ ଦୃଷ୍ଟିଭଙ୍ଗୀ, ଶକ୍ତ ଏବଂ ସୀମାହୀନ ଆସ୍ଥା ଏବଂ ପରିଶେଷରେ ସମସ୍ତ କର୍ତ୍ତବ୍ୟ ସମ୍ପାଦନରେ ଶକ୍ତିର ଯତ୍ନପୂର୍ଣ୍ଣ ଉପଯୋଗ ।

92. ବିବ୍ରତ ଯୁବକ କାହିଁକି ସଫଳତା ଲାଭ କରିପାରେ ନାହିଁ?
   - A) ବିବ୍ରତ ଯୁବକ ନିଜ ଏବଂ ଅନ୍ୟ ପ୍ରତି କ୍ରୋଧୀ ହୋଇଥାଏ ।
   - B) ସଫଳତା ପ୍ରାପ୍ତି ପାଇଁ ଏପରି ଯୁବକର ଉତ୍ସାହ ରହି ନ ଥାଏ ।
   - C) ବିବ୍ରତ ଯୁବକ ପାଖରେ ନ ଥାଏ ଦିକ୍ ଦର୍ଶନ ।
   - D) ସଫଳତା ପ୍ରାପ୍ତି ପାଇଁ ଏପରି ଯୁବକର ଉତ୍ସାହ କି ଦିକ୍ ଦର୍ଶନ ନ ଥାଏ ।

93. ବର୍ତ୍ତମାନ ଯୁବପିଢୀର ଆହ୍ୱାନ କଣ?
   - A) ଯୌବନପୂର୍ଣ୍ଣ ଶକ୍ତି ଏବଂ ପ୍ରାପ୍ତ ବୟସ୍କଙ୍କ ଅଭିଜ୍ଞତାକୁ ଏକାଠି ପ୍ରାପ୍ତହେବା ।
   - B) ଯୌବନରେ ଯୌବନପୂର୍ଣ୍ଣ ଶକ୍ତି ଓ ପ୍ରାପ୍ତ ବୟସ୍କଙ୍କ ପରିପକ୍ୱତାର ଅଧିକାରୀ ହେବା ।
   - C) ପ୍ରାପ୍ତ ବୟସ୍କଙ୍କ ପରିପକ୍ୱତା ଏବଂ ଅଭିଜ୍ଞତାର ଅଧିକାରୀ ହେବା ।
   - D) ଯୌବନପୂର୍ଣ୍ଣ ଶକ୍ତି ଏବଂ ପରିପକ୍ୱତାକୁ ପ୍ରାପ୍ତ ବୟସରେ ପ୍ରାପ୍ତହେବା ହେବା ।

OdishaJobAlert.net

94. ବିବ୍ରତ ଯୁବକ କାହିଁକି ନିଜକୁ ଦୁସ୍ଥ ଏବଂ ଶକ୍ତିହୀନ ମନେକରେ?

A) ଚତୁଃପାର୍ଶ୍ୱରେ ଅନ୍ୟମାନଙ୍କ ସଫଳତା ଯୋଗୁ ତା'ର ନୈରାଶ୍ୟଭାବ ଓ ଦୁଃଖ ଜାତ ଏବଂ ସଫଳତା ହାସଲ ପାଇଁ ନିଜର ଅକ୍ଷମତା ବିଷୟରେ ବିଚଳିତ ହୁଏ ।

B) ଅନ୍ୟମାନଙ୍କ ସଫଳତାରେ ସେ କେବେ ସୁଖୀ ରହିପାରେ ନାହିଁ ଏବଂ ତାକୁ ନେଇ ସେ ଆନ୍ଦୋଳିତ ହୁଏ ।

C) ଚତୁଃପାର୍ଶ୍ୱ ରେ କୃତକାର୍ଯ୍ୟ ହେଉଥିବା ଅନ୍ୟମାନଙ୍କୁ ଦେଖି ସେ ସୁଖୀ ହୁଏ, କିନ୍ତୁ ନିଜର କ' ଣ ଅଭାବ ରହିଛି, ତାକୁ ନେଇ ସେ ଆନ୍ଦୋଳିତ ହୁଏ ।

D) ଚତୁଃପାର୍ଶ୍ୱରେ ଥିବା ଅନ୍ୟମାନଙ୍କ ନୈରାଶ୍ୟ ଭାବ ଦେଖି ସେ ନିଜକୁ ଦୁସ୍ଥ ଏବଂ ଶକ୍ତିହୀନ ମନେ କରେ ।

95. "ମୋ ପରି ବିଶାଳ ହୁଅ ..... ଅସରନ୍ତି ସମ୍ଭବନାର ବିଶାଳତା ତୁମର ଅନ୍ତରାତ୍ମାରେ ସ୍ଥାନ ନେଉ" - ପ୍ରକୃତରେ ଏହି ଉକ୍ତିଟି କିଏ କାହାକୁ ଉପରୋକ୍ତ ଅନୁଚ୍ଛେଦରେ କହିଛନ୍ତି ?

A) ବିଶାଳ ମହାକାଶ ଏହି ଉକ୍ତିଟି ବିବ୍ରତ ଯୁବକକୁ କହିଛନ୍ତି ।

B) ଅସ୍ଥିର ଯୁବକ ବିଶାଳ ମହାକାଶକୁ ଏହି ଉକ୍ତିଟି କହିଛନ୍ତି ।

C) ପରୋକ୍ଷରେ ବିଶାଳ ମହାକାଶ ଜରିଆରେ ଲେଖକ ଏହି ଉକ୍ତିଟି ବିବ୍ରତ ଯୁବକକୁ କହିଛନ୍ତି ।

D) ଚତୁଃପାର୍ଶ୍ୱରେ କୃତକାର୍ଯ୍ୟ ହେଉଥିବା ଲୋକମାନେ ଏହି ଉକ୍ତିଟି ଅସ୍ଥିର ଯୁବକକୁ କହିଛନ୍ତି ।

**Instructions for Qn.No.96 to 100**: Read the following sentences in English quoted from a piece of news and pick out its most appropriate Odia version from the four options given below each of them as A, B, C & D.

96. **Then be watchful you don't act like the boss**, rather display calmness catalytic to him.

A) ସେତେବେଳେ ସଚେତନ ରୁହ ଯେପରି ତୁମେ ଅଧିକାରୀଙ୍କ ପରି ବ୍ୟବହାର ନ କର, ବରଂ ତାଙ୍କୁ ପରିବର୍ତ୍ତନ କରିପାରିବା ଭଳି ଶାନ୍ତ ସ୍ୱଭାବ ପ୍ରଦର୍ଶନ କର ।

B) ସଦାବେଳେ ସତର୍କ ରୁହ କି ତୁମେ ସ୍ୱାମୀଙ୍କ ପରି କାମ କର ନାହିଁ, କିନ୍ତୁ ତାଙ୍କୁ ସନ୍ତୁଳିତ କରିବାଭଳି ଥଣ୍ଡାଭବ ଦେଖାଅ ।

C) ସେତେବେଳେ ନିଶ୍ଚିତ ରୁହ ଯେ ତୁମେ ବନ୍ଧୁଙ୍କ ପରି କାମ ନ କର, ହେଲେ ତାଙ୍କୁ ଖୁସି କରିବାଭଳି କାମ କର ।

D) କେତେବେଳେ ତାଙ୍କପରି କାମ ନ କରିବାକୁ ଆପଣ ସାବଧାନ ରୁହ ଏବଂ ତାଙ୍କୁ ପ୍ରତିରୋଧ କରିବାଭଳି ବ୍ୟବହାର କର ।

97. When problems come, learn to watch your feelings and remain unruffled.

A) ଯେତେବେଳେ ସମାସ୍ୟା ଆସିଲା, ନିଜର ଅନୁଭବକୁ ଜଗିବାକୁ ଶିଖ ଓ ଅବିଶ୍ରାନ୍ତ ରୁହ ।

B) ଯେତେବେଳେ ସମସ୍ୟା ଆସୁଛି, ତୁମର ଭାବନାକୁ ଆୟତ କରିବାକୁ ଶିକ୍ଷା କର ଏବଂ ଅବିଚଳିତ ରୁହ ।

C) ଯେତେବେଳେ ସମାସ୍ୟା ଆସିଛି, ନିଜର ଚେତନାକୁ ଜାଗ୍ରତ କର ଓ ସ୍ଥିତପ୍ରଜ୍ଞ ହୁଅ ।

D) ଯେତେବେଳେ ସମସ୍ୟା ଆସିବ, ତୁମର ଉଦ୍ବେଗକୁ ପ୍ରଶମିତ କରିବ ଏବଂ ବିଚଳିତ ହୋଇଯିବ ।

98. In fact, if you intellectually analyze, it is the problem of the boss, not yours.

A) ବାସ୍ତବରେ, ଯଦି ତୁମେ ବୁଦ୍ଧିମତାର ସହିତ ବିଶ୍ଳେଷଣ କର, ଏହା ତୁମ ଅଧିକାରୀଙ୍କର ସମସ୍ୟା, ତୁମର ନୁହେଁ ।

B) ପ୍ରକୃତରେ ମାନସିକ ସ୍ତରରେ ବିବେଚନା କଲେ, ତାହା ତୁମର ସମସ୍ୟା, ତୁମର ସ୍ୱାମୀଙ୍କର ନୁହେଁ ।

C) ସତରେ ଠିକ୍ ଭାବେ ଚିନ୍ତା କଲେ ଏହା ତୁମ ସ୍ୱାମୀଙ୍କର ସମାସ୍ୟା ଥିଲା, ତୁମର ନ ଥିଲା ।

D) ପ୍ରକୃତରେ ଚତୁରଭାବେ ଅନୁଧ୍ୟାନ କର ଦେଖିବ ଏହା ତୁମର ସମସ୍ୟା, ତୁମର ସ୍ୱାମୀଙ୍କର ନୁହେଁ ।

99. Let us say your boss is an arrogant person who often deals roughly with you.

A) ମନେକର ତୁମର ବନ୍ଧୁ ଜଣେ ରାଗି ଲୋକ ଏବଂ ସେ ସଦାବେଳେ ତୁମ ସହିତ ଅନାବିଳ ସମ୍ପର୍କ ରଖନ୍ତି ।

B) ଧରାଯାଉ ତୁମ ହାକିମ ଜଣେ ଖୁସି ମିଜାଜର ଲୋକ ଯିଏ କି ପ୍ରତି ମୁହୂର୍ତ୍ତରେ ତୁମ ସହିତ କୁବ୍ୟବହାର କରନ୍ତି ।

C) ତୁମେ କୁହ କି ତୁମର ସ୍ୱାମୀ ଜଣେ ଅଭଦ୍ରଲୋକ ଓ ସବୁ ସମୟରେ ତୁମ ସହିତ ଅସତ୍ ବ୍ୟବହାର କରନ୍ତି ।

D) କୁହାଯାଉ କି ତୁମର ଅଧିକାରୀ ଜଣେ ଅହଙ୍କାରୀ ବ୍ୟକ୍ତି ଯିଏ ଅନେକ ସମୟରେ ତୁମ ସହିତ ରୁକ୍ଷ ବ୍ୟବହାର କରନ୍ତି ।

OdishaJobAlert.Net

100. Why should you be upset and feel yourself very miserable?

A) ତୁମେ କାହିଁ କି ହତୋତ୍ସାହ ହୋଇ ପଡିଲ ଏବଂ ଦୟନୀୟ ଅନୁଭବ କଲ?

B) ତୁମେ କାହିଁ କି ଭାଙ୍ଗି ପଡିବ ଏବଂ ନିଜକୁ ଅତି ଦୟନୀୟ ଅନୁଭବ କରିବ?

C) ତୁମେ ନିରୁତ୍ସାହ ଏବଂ ଶୋଚନୀୟ ଅନୁଭବ କର କାହିଁକି ।

D) ତୁମେ ଭାଙ୍ଗି ପଡିବା ଏବଂ ଦୟନୀୟ ଅନୁଭବ କରିବା ଉଚିତ କାହିଁକି ।

**Instructions for Qn,No,101 to 105**: Read the following sentences in Odia quoted from a piece of narrative and pick out its most appropriate English version from the four options given below each of them as A, B, C & D.

101. ତଥାପି, ବହୁବିଧ ସଂସ୍କୃତି ଓ ପରମ୍ପରାର ସଙ୍ଗମସ୍ଥଳ ଓଡିଶାର ଲୋକମାନେ ଏସବୁ ଚାପସମୂହକୁ ପ୍ରତିରୋଧକରି ଯୁଗ ଯୁଗଧରି ନିଜସ୍ୱ ସଂସ୍କୃତି ଓ ପରମ୍ପରାର ନିରନ୍ତର ଅଭିବୃଦ୍ଧି କରିଚାଲିଛନ୍ତି ।

A) Yet, the people of Odisha which is a melting pot of various cultures have protested all these storms and made their own culture continually flourish.

B) Yet, the people of Odisha, a melting pot of various cultures and traditions, have withstood all these pressures and made their own culture and tradition continually flourish through the ages.

C) On the other hand, the people of Odisha, a melting pot of various traditions, have withstood all these pressures and made their own tradition always flourish.

D) However, Odisha being a meeting zone of various cultures and traditions, its citizens have stood against all these forces and made their own culture and tradition survive through the ages.

102. ଓଡିଶାର ଲୋକମାନେ ବହୁମୂଲ୍ୟ ସଂସ୍କୃତି ଏବଂ ଉଚ୍ଚ ପରମ୍ପରା ସମ୍ପନ୍ନ ଅଟନ୍ତି ।

A) The public of Odisha are in possession of valuable culture and big tradition.

B) The people of Odisha are endowed with rich culture and high tradition.

C) The citizen of Odisha have been gifted with rich culture and high tradition.

D) The citizen of Odisha are owners of rich culture and high tradition.

103. ରାଉରକେଲାଠାରେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ବିହାରୀ ମାନଙ୍କ ସହିତ ଏବଂ ସେହିପରି ଜୟପୁରଠାରେ ଆନ୍ଧ୍ର ପ୍ର ଦେଶର ତେଲୁଗୁମାନଙ୍କ ସହିତ ସଫଳଭାବେ ମେଳ ହେଉଅଛି ।

A) The Odia religion and tradition mingled with that of Biharis at Rourkela, and also matched with that of Telugus of Andhra Pradesh at Jeypore.

B) The Odia culture has mixed with that of Biharis at Jeypore and similarly matched with that of Telugus of Andhra Pradesh at Rourkela.

C) The Odia tradition have efficiently matched with that of Biharis at Rourkela, and matched with that of Telugus of Andhra Pradesh at Jeypore.

D) The Odia culture and tradition have successfully matched with that of Biharis at Rourkela, and similarly matched with that of Telugus of Andhra Pradesh at Jeypore.

104. ଏହାର ପୁରୀ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଏବଂ ଜୟପୁରଠାରେ ସାଂସ୍କୃତିକ ସଂଯୋଜନ ଘଟିଅଛି ।

A) The cultural fusion has taken place here at Puri, Bhubaneswar, Sambalpur, Rourkela and Jeypore.

B) Cultural erosion had taken place at Puri, Bhubaneswar, Sambalpur, Rourkela and Jeypore.

C) Admixture of cultures took place at Puri, Bhubaneswar, Sambalpur, Rourkela and Jeypore.

D) Instances of degeneration of culture has been found at Puri, Bhubaneswar, Sambalpur, Rourkela and Jeypore.

OdishaJobAlert.Net

105. ପୁରୀଠାରେ ଜଗନ୍ନାଥ ଉପାସନା ପଦ୍ଧତି, ଶ୍ରୀଚୈତନ୍ୟଙ୍କ ବୈଷ୍ଣବ ଉପାସନା ପଦ୍ଧତି ଏବଂ ବୌଦ୍ଧ ଧର୍ମର ଅଭ୍ୟୁଦୟ ଏବଂ ଅଭିବୃଦ୍ଧି ଘଟିଅଛି ।

A) The Jagannath rituals, the Vaishnav rites of Sri Chaitanya Dev and Buddhism were perished at Puri.
B) The Jagannath culture, the Vaishnav culture of Sri Chaitanya Dev and Buddhism flourished at Puri.
C) The Jagannath cult, the Vaishnav cult of Sri Chaitanya Dev and Buddhism have moled and moulded at Puri.
D) The Jagannath religion, the Vaishnavism of Sri Chaitanya Dev and Buddhism have started and expanded at Puri.

106. ନିମ୍ନୋକ୍ତ ପଦ ମାନଙ୍କ ମଧ୍ୟରୁ କେଉଁଟି 'ବହୁବ୍ରୀହି ସମାସ" ଚିହ୍ନାଅ ।

A) ପଦ୍ମନାଭ B) ସପ୍ତର୍ଷି C) ମୁଖଚନ୍ଦ୍ର D) ଦେଶାନ୍ତର

107. ରଜକକୁ ବସ୍ତ୍ର ଦିଅ- ଏଥିରେ କେଉଁ ବିଭକ୍ତି ବ୍ୟବହୃତ ହୋଇଛି?

A) ତୃତୀୟ B) ଚତୁର୍ଥୀ C) ପଞ୍ଚମୀ D) ଦ୍ୱିତୀୟା

108. ଯେଉଁ ସମାସରେ ପୂର୍ବ ପଦର ଦ୍ୱିତୀୟା ଠାରୁ ସପ୍ତମୀ ପର୍ଯ୍ୟନ୍ତ କୌଣସି ବିଭକ୍ତି ଲୋପ ପାଇଥାଏ ତାହାକୁ କି ସମାସ କୁହାଯାଏ

A) ବହୁବ୍ରୀହି B) ତତ୍ ପୁରୁଷ C) କର୍ମଧାରୟ D) ଅବ୍ୟୟୀଭାବ

109. ନିମ୍ନୋକ୍ତ ପଦ ମାନଙ୍କ ମଧ୍ୟରୁ କେଉଁଟି 'ଅଶୁଦ୍ଧ' ଶବ୍ଦ ଚିହ୍ନାଅ ।

A) ମନକାମନା B) ଦୂରବସ୍ଥା C) ସଂହତି D) ପରିଚ୍ଛଦ

110. ନିମ୍ନୋକ୍ତ ବାକ୍ୟ ମାନଙ୍କ ମଧ୍ୟରୁ କେଉଁଟି 'ଜଟିଳ' ବାକ୍ୟ ଚିହ୍ନାଅ ।

A) ସନ୍ଧ୍ୟା ହେବାରୁ ପକ୍ଷୀମାନେ ବସାକୁ ଫେରିଲେ ।
B) ସନ୍ଧ୍ୟା ହେଲା ଏବଂ ପକ୍ଷୀମାନେ ବସାକୁ ଫେରିଲେ ।
C) ଯେତେବେଳେ ସନ୍ଧ୍ୟା ହେଲା ପକ୍ଷୀମାନେ ବସାକୁ ଫେରିଲେ ।
D) ସନ୍ଧ୍ୟା ହୁଅନ୍ତେ ପକ୍ଷୀମାନେ ବସାକୁ ଫେରିଲେ ।

111. ନିମ୍ନୋକ୍ତ ପଦ ମାନଙ୍କ ମଧ୍ୟରୁ କେଉଁଟି 'ତଦ୍ଧିତ' ପଦ ଚିହ୍ନାଅ ।

A) ଦୀପ୍ତି B) ମତି C) ଆଠହାତି D) ପାଉଣା

112. ନିମ୍ନୋକ୍ତ ପଦ ମାନଙ୍କ ମଧ୍ୟରୁ କେଉଁଟି ସାଦୃଶ୍ୟ ଅର୍ଥକ 'ଅବ୍ୟୟ' ଚିହ୍ନାଅ ।

A) କିନ୍ତୁ B) ପରି C) ଯେହେତୁ D) ନହେଲେ

113. ନିମ୍ନଲିଖିତ ମଧ୍ୟରୁ କେଉଁଟି 'ବିସର୍ଗ' ସନ୍ଧିର ଉଦାହରଣ, ଚିହ୍ନଟ କର ।

A) ପୁନରପି B) ଚଳଚ୍ଚିତ୍ର C) ଜନୈକ D) ମହାକାଶ

114. ନିମ୍ନୋକ୍ତ ପଦ ମାନଙ୍କ ମଧ୍ୟରୁ କେଉଁଟି 'କୃଦନ୍ତ' ପଦ ଚିହ୍ନାଅ ।

A) ହରଣ B) ବୈୟାକରଣ C) ଚଳଣି D) ଓକିଲାତି

115. ନିମ୍ନଲିଖିତ ମଧ୍ୟରୁ କେଉଁଟିରେ ତୃତୀୟା ବିଭକ୍ତିର ବ୍ୟବହାର ହୋଇନାହିଁ ।

A) ପିଲାଟି ଭୋକରେ କାନ୍ଦୁଛି B) ସଂଗ୍ରାମ ବୟସରେ ସାନ
C) ଟଙ୍କାରେ ଗୋଟିଏ ଲେମ୍ବୁ D) ଶଠକୁ ଶାଠ୍ୟ ଦରକାର

116. ନିମ୍ନ ଲିଖିତ ବାକ୍ୟମାନଙ୍କ ମଧ୍ୟରୁ କେଉଁଟି 'ଭାବ' ବାଚ୍ୟ ନିର୍ଣ୍ଣୟ କର ।

A) ଚଢେଇମାନେ ଆକାଶରେ ଉଡୁଛନ୍ତି ।
B) କଳିଙ୍ଗ ଯୁଦ୍ଧରେ ଅସଂଖ୍ୟ ସୈନ୍ୟ ନିହତ ହେଲେ ।
C) ଏକାମ ପାଇଁ ସେମାନଙ୍କ ଆସିବା ଦରକାର ନାହିଁ ।
D) ସେ ମୋଠୁ କିଛି ଟଙ୍କା ଧାର ନେବେ ।

117. ନିମ୍ନୋକ୍ତ ପଦ ମାନଙ୍କ ମଧ୍ୟରୁ କେଉଁଟି 'ନି' ଉପସର୍ଗ ଯୁକ୍ତ ଶବ୍ଦ ଚିହ୍ନାଅ ।

A) ନିଦ୍ରିତ B) ନୀରବ C) ନିନ୍ଦା D) ନିରବ

OdishaJobAlert.Net

118. ନିମ୍ନୋକ୍ତ ପଦ ମାନଙ୍କ ମଧ୍ୟରୁ କେଉଁଟି 'ସ୍ତ୍ରୀ" ଲିଙ୍ଗ ବାଚକ ଶବ୍ଦ ଚିହ୍ନାଅ ।

A) ବୈଶ୍ୟ B) ପ୍ରତିକୂଳ C) ଶୁଭଗ D) ଧନିନୀ

119. ନିମ୍ନୋକ୍ତ ପଦ ମାନଙ୍କ ମଧ୍ୟରୁ କେଉଁଟି 'ଦେଶଜ" ଶବ୍ଦ ଚିହ୍ନାଅ ।

A) ଡଙ୍ଗା B) ପୁଷ୍କରିଣୀ C) ଗୁମସ୍ତା D) କୁମ୍ଭକାର

120. "ପୋଷାପୁଅ ଗୁଞ୍ଜାରୁଅ"- ଏହି ରୂଢ଼ିର ପ୍ରକୃତ ଅର୍ଥ କ' ଣ?

A) ପରପୁଅ ନିଜର ହେବା B) ପରପୁଅ ନିଜର ନ ହେବା

C) ବିହୁଡା ଚାଷ ରୁଆ ଚାଷଠୁ ଅଧିକ ଅମଳକ୍ଷମ

D) ରୁଆ ଚାଷ ବିହୁଡା ଚାଷଠୁ ଅଧିକ ଅମଳକ୍ଷମ

OdishaJobAlert.Net

**KEPT INTENTIONALLY BLANK**
**USE FOR ROUGH WORK**

OdishaJobAlert.Net

**KEPT INTENTIONALLY BLANK**
**USE FOR ROUGH WORK.**

OdishaJobAlert.Net

OdishaJobAlert.Net

# SPACE FOR ROUGH WORK

OdishaJobAlert.Net